# NATIONAL NEWS BULLETIN (ODIA)

## 12th March - 2026

## Evening Bulletin : 7.15 p.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ଭାରତର ଅଶୋଧିତ ତୈଳ ସ୍ଥିତି ସୁରକ୍ଷିତ ଅଛି ବୋଲି ଲୋକସଭାରେ ସୂଚନା ଦେଲେ ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ।
- ଦେଶରେ ଖାଦ୍ୟଶସ୍ୟ ଉତ୍ପାଦନ ପରିମାଣ ଗତ ୧୧ ବର୍ଷ ମଧ୍ୟରେ ୧୦୫ ମିଲିୟନ୍ ଟନ୍ ବୃଦ୍ଧି ପାଇଛି; କୃଷି ମନ୍ତ୍ରୀଙ୍କ ସୂଚନା ।
- ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଦୁଇଦିନିଆ ଆସାମ ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କରିବେ ଶିଳାନ୍ୟାସ ଓ ଲୋକାର୍ପଣ ।
- ଇରାନ୍‌ରୁ ଭାରତୀୟ ନାଗରିକଙ୍କ ସୁରକ୍ଷିତ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଲାଗି ସରକାରଙ୍କ ପଦକ୍ଷେପ ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟର ସୂଚନା ।

ଏବଂ

- ପଶ୍ଚିମ ଏସିଆରେ ସୃଷ୍ଟ ଯୁଦ୍ଧସ୍ଥିତିର ପରିସମାପ୍ତି ଲାଗି ଆମେରିକା ଓ ଇସ୍ରାଏଲ୍ ସମ୍ମୁଖରେ ୩ଟି ସର୍ତ୍ତ ରଖିଲା ଇରାନ୍ ।

## ଏଲ୍.ଏସ୍. - ଅଏଲ୍ ଏଲ୍.ପି.ଜି.

ଭାରତର ଅଶୋଧିତ ତୈଳ ସ୍ଥିତି ସୁରକ୍ଷିତ ଅଛି ବୋଲି ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦୀପ ସିଂ ପୁରି ଆଜି ଲୋକସଭାରେ କହିଛନ୍ତି । ପଶ୍ଚିମ ଏସିଆରେ ଜାରି ରହିଥିବା ସ୍ଥିତି ଯୋଗୁଁ ବିଶ୍ୱ ଶକ୍ତି ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବାର ଆଶଙ୍କାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଉପରେ ଗୃହରେ ନିଜର ବିବୃତ୍ତି ରଖି ସେ ଏହା କହିଛନ୍ତି । ଶ୍ରୀ ପୁରି କହିଛନ୍ତି, ଇତିହାସରେ ପ୍ରଥମ ଥରଲାଗି ହର୍ମୁଜ ପ୍ରଣାଳୀରେ ବାଣିଜ୍ୟିକ ଜାହାଜ ଚଳାଚଳ ବନ୍ଦ ରହିଛି । ତେବେ ଦେଶରେ ପେଟ୍ରୋଲ୍, ଡିଜେଲ୍, କିରୋସିନି ଭଳି ଇନ୍ଧନର କୌଣସି ଅଭାବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଦେଶବ୍ୟାପୀ ଥିବା ସମସ୍ତ ପେଟ୍ରୋଲ୍ ଟାଙ୍କିଗୁଡ଼ିକରେ ଏହା ମହଜୁଦ ରହିଛି ଏବଂ ଏହି ଉତ୍ପାଦର ଯୋଗାଣ ଶୃଙ୍ଖଳ ସ୍ୱାଭାବିକ ରହିଛି ବୋଲି ଶ୍ରୀ ପୁରି କହିଛନ୍ତି । ସେ କହିଛନ୍ତି, କାତାର, ସଂଯୁକ୍ତ ଆରବ ଏମିରେଟ୍ସ୍, ସାଉଦି ଆରବ ଓ କୁଏତ୍ ଭଳି ଉପସାଗରୀୟ ଦେଶଗୁଡ଼ିକରୁ ପୂର୍ବରୁ ଭାରତ ନିଜର ଏଲ୍.ପି.ଜି. ଆବଶ୍ୟକତାର ୬୦

ପ୍ରତିଶତ ଆମଦାନୀ କରୁଥିଲା ଏବଂ ୪୦ ପ୍ରତିଶତ ଘରୋଇ ଉତ୍ପାଦନ ହେଉଥିଲା । ତେବେ ବର୍ତ୍ତମାନ ଦେଶରେ ଏଲ୍.ପି.ଜି. ଉତ୍ପାଦନ ହାର ୨୮ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ଭାରତ ଯୁକ୍ତରାଷ୍ଟ୍ର ଆମେରିକା, ନରୱେ, କାନାଡ଼ା, ଆଲ୍‌ଜେରିଆ ଓ ରୁଷ୍‌ରୁ ପଣ୍ୟବାହୀ ଜାହାଜ ମାଧ୍ୟମରେ ମଧ୍ୟ ଏହାର ଆମଦାନୀ କରୁଛି ବୋଲି ଶ୍ରୀ ପୁରି କହିଛନ୍ତି ।

## ଶିବରାଜ - ପି.ଏମ୍. କିଷାନ ନିଧି

ଦେଶରେ ଗତ ୧୧ ବର୍ଷ ମଧ୍ୟରେ ଖାଦ୍ୟଶସ୍ୟ ଉତ୍ପାଦନ ପରିମାଣ ୧୦୫ ମିଲିୟନ୍ ଟନ୍ ବୃଦ୍ଧି ପାଇଛି ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି । ଆଜି ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀ ଉଦ୍‌ବୋଧନ ଦେଇ ଶ୍ରୀ ଚୌହାନ କହିଛନ୍ତି, ୨୦୧୪ ମସିହାରେ ଦେଶରେ ଖାଦ୍ୟଶସ୍ୟ ଉତ୍ପାଦନ ପରିମାଣ ୨୫୨ ମିଲିୟନ୍ ଟନ୍ ଥିବାବେଳେ ଗତବର୍ଷ ଏହା ୩୫୭ ମିଲିୟନ୍ ଟନ୍‌ରେ ପହଞ୍ଚିଛି । ସେହିଭଳି ଏହି ସମୟ ମଧ୍ୟରେ ଉଦ୍ୟାନ କୃଷିଜାତ ଦ୍ରବ୍ୟ ଉତ୍ପାଦନ ପରିମାଣ ମଧ୍ୟ ୯୨ ମିଲିୟନ୍ ଟନ୍ ବୃଦ୍ଧି ପାଇଛି । ଅନୁରୂପ ଭାବେ ବିଭିନ୍ନ ଫଳ ଓ ପନିପରିବାର ଉତ୍ପାଦନ ମଧ୍ୟ ବୃଦ୍ଧି ପାଇଥିବା ଶ୍ରୀ ଚୌହାନ ସୂଚନା ଦେଇଛନ୍ତି । କୃଷି ଓ କୃଷକ କଲ୍ୟାଣ ଲାଗି ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରି ସେ କହିଛନ୍ତି, ସରକାର' କୃତ୍ରିମ ବୁଦ୍ଧିମତ୍ତା-ଭିତ୍ତିକ

ଡିଜିଟାଲ୍ ପ୍ଲାଟ୍‌ଫର୍ମ 'ଭାରତ ବିସ୍ତାର'ର ପ୍ରଥମ ପର୍ଯ୍ୟାୟର ଶୁଭାରମ୍ଭ କରିଛନ୍ତି । ଏହା ମାଧ୍ୟମରେ କୃଷକମାନେ ନିଜ ଭାଷାରେ ଫୋନ୍ ମାଧ୍ୟମରେ କୃଷି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ସମନ୍ୱିତ ତଥ୍ୟ ପାଇପାରିବେ ବୋଲି ଶ୍ରୀ ଚୌହାନ କହିଛନ୍ତି ।

***Voice (Chouhan)*** :.........

ଶ୍ରୀ ଚୌହାନ କହିଛନ୍ତି, ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଆହାଟୀରୁ ପି.ଏମ୍. କିଷାନ ସମ୍ମାନନିଧି ଯୋଜନା ଅଧୀନରେ ୯ କୋଟି ୩୨ ଲକ୍ଷ କୃଷକଙ୍କ ବ୍ୟାଙ୍କ୍ ଖାତାକୁ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ପ୍ରକ୍ରିୟାରେ ୧୮ ହଜାର ୬୪୦ କୋଟି ଟଙ୍କା ପ୍ରଦାନ କରିବେ । ଏହି ଯୋଜନା ଅଧୀନରେ ୪ ଲକ୍ଷ ୯ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଏପର୍ଯ୍ୟନ୍ତ ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ ପଠାଯାଇସାରିଛି । ଆସନ୍ତାକାଲିର କିସ୍ତି ପରେ ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ ପ୍ରଦାନ କରାଯାଇଥିବା କିସ୍ତିର ପରିମାଣ ୪ ଲକ୍ଷ ୨୭ ହଜାର କୋଟି ଟଙ୍କା ଅତିକ୍ରମ କରିବ ବୋଲି ଶ୍ରୀ ଚୌହାନ କହିଛନ୍ତି ।

## ପି.ଏମ୍. - ଆସାମ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଦୁଇଦିନିଆ ଆସାମ ଗସ୍ତରେ ଯିବେ । ସେଠାରେ ଶ୍ରୀ ମୋଦୀ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି । ଅପରାହ୍ଣରେ କୋକ୍ରାଝରରେ

ପ୍ରଧାନମନ୍ତ୍ରୀ ରେଳକୋଚ ମରାମତି କାରଖାନା, ୩ଟି ସେତୁ ଏବଂ ବୋଡୋ ଟେରିଟୋରିଆଲ ଅଞ୍ଚଳରେ ୩ଟି ନୂଆ ରେଳ ଲାଇନ୍‌ର ଶୁଭାରମ୍ଭ କରିବେ । ଏହି ଅବସରରେ ଶ୍ରୀ ମୋଦୀ ଏକ ସାଧାରଣ ସଭାକୁ ଉଦ୍‌ବୋଧନ ଦେବେ ।

ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ଗୁଆହାଟୀ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବେ । ସେଠାରେ ଶ୍ରୀ ମୋଦୀ ଯୋଗ୍ୟ ଚା' ବଗିଚା ଶ୍ରମିକଙ୍କୁ ଜମିପଟା ବଣ୍ଟନ କରିବେ । ଏଥିସହିତ ୧୫୦ ମେଗାୱାଟ ବିଶିଷ୍ଟ କୋପିଲି ଜଳବିଦ୍ୟୁତ୍ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ଉତ୍ସର୍ଗ କରିବେ । ଏହି ଅବସରରେ ସେ ପ୍ରାୟ ୧୦ହଜାର କୋଟି ଟଙ୍କା ସମ୍ବଳିତ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ କରିବେ । କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପିଏମ୍ କିଶାନ ସମ୍ମାନନିଧି ଯୋଜନାର ୨୨ତମ କିସ୍ତି ସିଧାସଳଖ ସମ୍ପୃକ୍ତ କୃଷକମାନଙ୍କ ବ୍ୟାଙ୍କ ଖାତାରେ ପ୍ରଦାନ କରିବେ ।

ପ୍ରଧାନମନ୍ତ୍ରୀ ସେଠାରେ ଏକ ଜନସଭାକୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଗସ୍ତର ପ୍ରଥମଦିନ ଶ୍ରୀ ମୋଦୀ ଗୁଆହାଟୀସ୍ଥିତ ରାଜ୍ୟ ଅତିଥି ଭବନରେ ରାତ୍ରିଯାପନ କରିବେ ।

ଗସ୍ତର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ସିଲଚର ଯାଇ ୨୪ହଜାର ୨୦୫ କୋଟି ଟଙ୍କା ସମ୍ବଳିତ ୩ଟି ପ୍ରମୁଖ ପ୍ରକଳ୍ପର ଶୁଭାରମ୍ଭ କରିବେ ।

ପ୍ରଧାନମନ୍ତ୍ରୀ ୧୪ ତାରିଖ ସନ୍ଧ୍ୟାରେ ଆସାମରୁ କୋଲକାତା ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଗସ୍ତ ଅବସରରେ ସେ କୋଲ୍‌କାତାଠାରେ

ପ୍ରାୟ ୧୮ ହଜାର ୬୮୦ କୋଟି ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ ।

## ଏମ୍.ଇ.ଏ. ବ୍ରିଫିଂ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ତାଙ୍କର ଇରାନ୍ ପ୍ରତିପକ୍ଷ ସୟଦ୍ ଆବାସ୍ ଆରାଘ୍‌ଚୀଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଟେଲିଫୋନ୍ ଯୋଗେ ଆଲୋଚନା କରିଛନ୍ତି । ଆଜି ଅପରାହ୍ଣରେ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ୍ କହିଛନ୍ତି, ଗତ କିଛିଦିନ ମଧ୍ୟରେ ଉଭୟ ନେତା ଫୋନ୍ ଯୋଗେ ତିନିଥର ଆଲୋଚନା କରିସାରିଛନ୍ତି । ମଧ୍ୟ-ପ୍ରାଚ୍ୟରେ ଦେଖାଦେଇଥିବା ଯୁଦ୍ଧ ସ୍ଥିତି ମଧ୍ୟରେ ସୁରକ୍ଷିତ ଜାହାଜ ଚଳାଚଳ ଏବଂ ଭାରତର ଶକ୍ତି ସୁରକ୍ଷା ଭଳି ପ୍ରସଙ୍ଗ ଆଦି ଆଜିର ଆଲୋଚନାରେ ସ୍ଥାନ ପାଇଥିବା ସମ୍ପର୍କରେ ସେ ସୂଚନା ଦେଇଛନ୍ତି । ଶ୍ରୀ ଜୟସ୍ୱାଲ୍ କହିଛନ୍ତି, ଇରାନ୍‌ରେ ପ୍ରାୟ ୯ ହଜାର ଭାରତୀୟ ନାଗରିକ ଅଛନ୍ତି ଏବଂ କେନ୍ଦ୍ର ସରକାର ସେମାନଙ୍କ ମଧ୍ୟରୁ ଅଧିକାଂଶ ଭାରତୀୟଙ୍କୁ ତେହେରାନ୍‌ରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିସାରିଛନ୍ତି । ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଶ୍ରୀ ଜୟସ୍ୱାଲ୍ କହିଛନ୍ତି :

*Voice (Jaiswal) :..........*

ଏତଦ୍‌ବ୍ୟତୀତ ଯେଉଁ ଭିସାଧାରୀମାନେ ଆଜାର-ବାଇଜାନ୍ ଏବଂ ଆର୍ମେନିଆ ଦେଇ ଆସିବାକୁ ଇଚ୍ଛା କରୁଛନ୍ତି, ସୀମାପାର ପରେ ସେମାନଙ୍କର ସୁରକ୍ଷିତ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଲାଗି ବିମାନ ବ୍ୟବସ୍ଥା ମଧ୍ୟ ଭାରତ ସରକାର କରୁଛନ୍ତି ବୋଲି ଶ୍ରୀ ଜୟଶ୍ୱାଲ୍ କହିଛନ୍ତି ।

ମଧ୍ୟ-ପ୍ରାଚ୍ୟରେ ଯୁଦ୍ଧସ୍ଥିତି ସୃଷ୍ଟିହେବା ପରଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ପୃକ୍ତ ଅଞ୍ଚଳର ବିଭିନ୍ନ ନେତୃବୃନ୍ଦଙ୍କ ସହିତ ଫୋନ୍‌ଦ୍ୱାରା ଏ ସମ୍ପର୍କରେ ଆଲୋଚନା କରିଛନ୍ତି ବୋଲି ଶ୍ରୀ ଜୟଶ୍ୱାଲ୍ କହିଛନ୍ତି । ସେ କହିଛନ୍ତି, କୂଟନୀତି ଏବଂ କଥାବାର୍ତ୍ତା ମାଧ୍ୟମରେ ସେଠାରେ ଯଥାଶୀଘ୍ର ଶାନ୍ତି ଫେରାଇ ଆଣିବା ଉପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏହି ଆଲୋଚନା କାଳରେ ସର୍ବଦା ଗୁରୁତ୍ୱାରୋପ କରିଆସୁଛନ୍ତି । ସେଠାରେ ସାଧାରଣ ନାଗରିକଙ୍କ ସୁରକ୍ଷା ଉପରେ ଭାରତ ସର୍ବଦା ଗୁରୁତ୍ୱ ଦେଇ ଆସିଛି ବୋଲି ଶ୍ରୀ ଜୟଶ୍ୱାଲ କହିଛନ୍ତି ।

ବାଂଲାଦେଶକୁ ପେଟ୍ରୋଲିୟମ୍‌ଜାତ ଉତ୍ପାଦ ପ୍ରେରଣ କରାଯିବା ସମ୍ପର୍କିତ ପ୍ରସଙ୍ଗରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି, ଭାରତ ବିଶେଷକରି ଏହାର ପଡ଼ୋଶୀ ଦେଶଗୁଡ଼ିକୁ ଏକ ପ୍ରମୁଖ ରପ୍ତାନୀକାରୀ ଦେଶ ଭାବେ ପରିଶୋଧିତ ପେଟ୍ରୋଲିୟମ୍ ଉତ୍ପାଦ ପଠାଇଥାଏ । ଡିଜେଲ୍ ଯୋଗାଣ ଲାଗି ସମ୍ପୃକ୍ତ ଦେଶ ପକ୍ଷରୁ କରାଯାଇଥିବା ଅନୁରୋଧକୁ ତର୍ଜମା କରାଯିବା ପରେ ଭାରତ ସରକାର ବାଂଲାଦେଶ ସହିତ ଏକ ଜନକୈନ୍ଦ୍ରିକ ତଥା

ବିକାଶମୁଖୀ ସମ୍ପର୍କକୁ ଆଗେଇ ନେବା ଉଦ୍ଦେଶ୍ୟରେ ଏଭଳି ପଦକ୍ଷେପ ନେଇଛନ୍ତି ବୋଲି ଶ୍ରୀ ଜୟଶ୍ୱାଲ୍ କହିଛନ୍ତି । ୨୦୦୭ ମସିହାରୁ ଭାରତ ସରକାର ଆସାମର ନୁମାଲିଗଡ଼ ତୈଳ ବିଶୋଧନାଗାରରୁ ବାଂଲାଦେଶକୁ ଡିଜେଲ୍ ଜଳପଥ, ରେଳପଥ ଏବଂ ଭାରତ-ବାଂଲାଦେଶ ବନ୍ଧୁତ୍ୱ ପାଇପ୍ ଲାଇନ୍ ମାଧ୍ୟମରେ ପ୍ରେରଣ କରିଆସୁଛନ୍ତି । ଇତିମଧ୍ୟରେ ଶ୍ରୀଲଙ୍କା ଓ ମାଳଦ୍ୱୀପ ସମେତ ବିଭିନ୍ନ ଦେଶରୁ ଅନୁରୂପ ଅନୁରୋଧ ଭାରତ ସରକାରଙ୍କ ହସ୍ତଗତ ହୋଇଛି ଏବଂ ବର୍ତ୍ତମାନ ସେଗୁଡ଼ିକୁ ଅନୁଧ୍ୟାନ କରାଯାଉଛି । ତେବେ ଭାରତର ନିଜସ୍ୱ ଶକ୍ତି ଚାହିଦାକୁ ମେଣ୍ଟାଇବା ପରେ ସରକାର ଏ ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି ଶ୍ରୀ ଜୟଶ୍ୱାଲ୍ କହିଛନ୍ତି ।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ବୈଦେଶିକ ସଚିବ ବିକ୍ରମ ମିଶ୍ରି ଭାରତରେ ଥିବା ଇରାନ୍ ଦୂତାବାସରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତ ୫ ତାରିଖ ଦିନ ଶ୍ରଦ୍ଧାଞ୍ଜଳି ପୁସ୍ତିକାରେ ସ୍ୱାକ୍ଷର କରିଛନ୍ତି ।

## ଇରାନ୍ - କଣ୍ଡିସନ୍ସ

ଇରାନ୍ ବିପକ୍ଷରେ ଯୁକ୍ତରାଷ୍ଟ୍ର ଆମେରିକା ଓ ଇସ୍ରାଏଲ୍‌ର ମିଳିତ ସାମରିକ ଆକ୍ରମଣ ଇତିମଧ୍ୟରେ ତୃତୀୟ ସପ୍ତାହ ଦିଗକୁ ଗତି କରୁଛି । ତେବେ ଶାନ୍ତି ପ୍ରତି ନିଜର ପ୍ରତବଦ୍ଧତା ଦୋହରାଇ ଇରାନ୍ ରାଷ୍ଟ୍ରପତି ମାସୁଦ୍

ପେଜେସ୍କିଆନ୍ କହିଛନ୍ତି, ତେହେରାନ୍‌ର କିଛି ସର୍ତ୍ତ ୩ଟି ସର୍ତ୍ତ ଯଦି ୱାଶିଂଟନ୍ ଓ ତେଲ୍ ଆଭିଭ୍ ଗ୍ରହଣ କରନ୍ତି, ତେବେ ଏହି ଯୁଦ୍ଧର ପରିସମାପ୍ତି ଲାଗି ଇରାନ୍ ପ୍ରସ୍ତୁତ ରହିଛି । ଇରାନ୍‌ର ଅଧିକାରକୁ ସ୍ୱୀକୃତି ଦେବା, ଯୁଦ୍ଧରେ ଇରାନ୍‌ର ହୋଇଥିବା କ୍ଷୟକ୍ଷତିର ଭରଣା ଲାଗି ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ଭବିଷ୍ୟତରେ ଇରାନ୍ ଉପରେ କୌଣସି ଆକ୍ରମଣ ନ ହେବାର ପ୍ରତିଶ୍ରୁତି ଆମେରିକା ଓ ଇସ୍ରାଏଲ୍‌ଠାରୁ ମିଳିଲେ ତେହେରାନ୍ ଯୁଦ୍ଧ ପରିସମାପ୍ତି କରିବ ବୋଲି ଶ୍ରୀ ପେଜେସ୍କିଆନ ସର୍ତ୍ତ ରଖିଛନ୍ତି । ଅନ୍ୟପକ୍ଷରେ ଇରାନ୍ ଉପରେ ଆମେରିକା ନିଜର ସାମରିକ ଅପରେସନ୍ ଜାରି ରଖିବ ବୋଲି କେଣ୍ଟୁକିଠାରେ ଏକ ନିର୍ବାଚନୀ ସମାବେଶରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ଡୋନାଲ୍‌ଡ୍ ଟ୍ରମ୍ପ କହିଛନ୍ତି ।

*****